## ତା ୨୪.୦୭.୨୦୨୦ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ଆହ୍ୱାନ କରାଯାଇଥିବା ଜିଲ୍ଲା ସ୍ତରୀୟ ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞଦଳଙ୍କ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ଉପରେ ସୁଚିନ୍ତିତ ମୂଲ୍ୟାୟନ ଓ ସୁପାରିଶ ରିପୋର୍ଟ

(ଜୟପୁର-ନବରଙ୍ଗପୁର ନୂତନ ପ୍ରଶସ୍ତ ରେଳପଥ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ସମନ୍ଧେ)

**ବୈଧାନିକ ବ୍ୟବସ୍ଥା :**

ଜୟପୁର-ନବରଙ୍ଗପୁର ନୂତନ ପ୍ରଶସ୍ତ ରେଳପଥ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ନବରଙ୍ଗପୁର ଜିଲ୍ଲାର ନିମ୍ନ ଦୁଇଗୋଟି ତହସିଲ ଅନ୍ତର୍ଗତ ଦୁଇଗୋଟି ଗ୍ରାମରେ ଏ 45.804 କର ବ୍ୟକ୍ତିଗତ ମାଲିକାନା ଭୁକ୍ତ ଜମି ଅଧିଗ୍ରହଣ ନିମନ୍ତେ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀଙ୍କ ଠାରୁ ପ୍ରସ୍ତାବ ପ୍ରାପ୍ତ ହେବା ପରେ ତତ ସମ୍ପର୍କୀୟ ଭୂମି ଅଧିଗ୍ରହଣ, ଥଇଥାନ ଏବଂ ପୁନଃବସତିରେ କ୍ଷତିପୂରଣ ଏବଂ ସ୍ୱଚ୍ଛତା ପ୍ରତି ଅଧିକାର ଆଇନ-୨୦୧୩ ର ଧାରା ୪ ଅନୁଯାଇ ଆବଶ୍ୟକ ହେଉଥିବା ସାମାଜିକ ପ୍ରଭାବ ଆକଳନ ଅନୁଧାନ କରିବା ପାଇଁ ନିମ୍ନମତେ ଅଧିସୂଚନା ସଂଖ୍ୟା ୫୬୬୯ ତା ୮.୦୨.୨୦୧୯ ରିଖରେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପ୍ରକାଶିତ ହୋଇଅଛି ।

| କ୍ର. ନଂ | ତହସିଲ | ଗ୍ରାମ ପଞ୍ଚାୟତ / ସହରାଞ୍ଚଳ | ଗ୍ରାମ | ରକବା (ଏକର) |
|---|---|---|---|---|
| ୦୧ | ନନ୍ଦାହାଣ୍ଡି | ସିନ୍ଧିଗୁଡା | ଦହିଭଟା | ଏ ୧୪.୬୬୬ |
| ୦୨ | ନବରଙ୍ଗପୁର | ନବରଙ୍ଗପୁର (ସହରାଞ୍ଚଳ) | ନବରଙ୍ଗପୁର | ଏ ୩୧.୧୩୮ |
| | | | ମୋଟ | ଏ ୪୫.୮୦୪ |

**ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ :**

ଓଡିଶା ସରକାରଙ୍କ ଅଧିସୂଚନା ମତେ ସାମାଜିକ ପ୍ରଭାବ ଆକଳନ ଅନୁଧାନ ଭାର ରାଜ୍ୟ ଏସ ଆଇ ଏ ୟୁନିଟି ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର, ଭୁବନେଶ୍ୱରଙ୍କୁ ନ୍ୟସ୍ତ କରଯାଇଥିଲା । ସଂପୃକ୍ତ ସଂସ୍ଥା ର ତତ୍ତ୍ୱାବଧାନରେ ସମାଜ କଲ୍ୟାଣ ଫାଉଣ୍ଡେସନ, ଭୁବନେଶ୍ୱର କୁ ଭୂମି ଅଧିଗ୍ରହଣ, ଥଇଥାନ ଏବଂ ପୁନଃବସତିରେ କ୍ଷତିପୂରଣ ଏବଂ ସ୍ୱଚ୍ଛତା ପ୍ରତି ଅଧିକାର ଆଇନ-୨୦୧୩ କୁ ଦୃଷ୍ଟିରେ ରଖି ଉକ୍ତ କାର୍ଯ୍ୟ ସମ୍ପାଦନ କରିବାର ଦାୟିତ୍ୱ ପ୍ରଦାନ କରଯାଇଥିଲା ।

ଏହି ସର୍ବେକ୍ଷଣ ସଂସ୍ଥା ଆଇନର ଆବଶ୍ୟକତା ଅନୁସାରେ ସର୍ବେକ୍ଷଣ ମାଧ୍ୟମରେ ସର୍ଭେ କରି ପ୍ରକଳ୍ପର ପ୍ରଭାବିତ ପରିବାର, ପ୍ରକଳ୍ପ ପ୍ରଭାବିତ ଜନସଂଖ୍ୟା, ସାମାଜିକ ବିବରଣୀ, ପରିବାରର ସମ୍ପୂର୍ଣ୍ଣ ବିବରଣୀ, ଜୀବିକା ଆୟର ପନ୍ଥା, ପରିବାରର ମୋଟ ବ୍ୟୟ, ପରିବାରର ଆସବାବପତ୍ର, ପ୍ରଭାବିତ ହେବାକୁ ଥିବା ଜମି, ବ୍ୟବସାୟିକ ବା ଆତ୍ମନିଯୁକ୍ତି ଭିତ୍ତିକ କାର୍ଯ୍ୟପନ୍ଥା ନିଯୁକ୍ତିର ପ୍ରଣାଳୀ ପ୍ରଭୃତି ସାକ୍ଷାତକାର ସୂଚୀର ଏକ ପୂର୍ଣାଙ୍ଗ ବିବରଣୀ ପ୍ରସ୍ତୁତ କରିଛନ୍ତି ।

ଉକ୍ତ ବିବରଣୀ ଆଧାରରେ ଆବଶ୍ୟକ ଅନୁଯାୟୀ ଏକ ସାମାଜିକ ପ୍ରଭାବ ପରିଚାଳନା (ଏସ.ଆଇ.ଏମ.ପି.) ମଧ୍ୟ ପ୍ରସ୍ତୁତ କରିଛନ୍ତି ।

<u>ଜନଶୁଣାଣି (ଧାରା – ୫)</u>

ଭୂମି ଅଧିଗ୍ରହଣ, ଥଇଥାନ ଏବଂ ପୁନଃବସତିରେ କ୍ଷତିପୂରଣ ଏବଂ ସ୍ୱଚ୍ଛତା ପ୍ରତି ଅଧିକାର ଆଇନ-୨୦୧୩ ର ଧାରା ୪ ଅନୁଯାଇ ପ୍ରଭାବିତ ଅଞ୍ଚଳରେ ସ୍ଥାନ, ତାରିଖ ଓ ସମୟ ସଂକ୍ରାନ୍ତରେ ସର୍ବ ସାଧାରଣଙ୍କୁ ଯଥେଷ୍ଟ ପୂର୍ବରୁ ନୋଟିସ ଏବଂ ପ୍ରଚାର ମାଧ୍ୟମରେ ଜଣାଇ ଦିଆଯାଇଥିଲା ।

| ଗ୍ରାମର ନାମ | ତାରିଖ | ସମୟ | ଗ୍ରାମ | ଜନଶୁଣାଣିର ସ୍ଥାନ |
|---|---|---|---|---|
| ଦହିଭଟା | ୦୭.୮.୨୦୧୯ | ପୂର୍ବାହ୍ନ ଘ ୧୧.୩୦ ମି | ଦହିଭଟା | ଗ୍ରାମ ପାଞ୍ଚାୟତ କାର୍ଯ୍ୟାଳୟ, ସିନ୍ଧିଗୁଡା |
| ନବରଙ୍ଗପୁର (ସହରାଞ୍ଚଳ) | ୦୮.୮.୨୦୧୯ | ପୂର୍ବାହ୍ନ ଘ ୧୧.୩୦ ମି | ନବରଙ୍ଗପୁର | ମୁନିସିପାଲିଟି କାର୍ଯ୍ୟାଳୟ, ନବରଙ୍ଗପୁର |

ପ୍ରଶାସନ ତରଫରୁ ଉପଜିଲ୍ଲାପାଳ,ନବରଙ୍ଗପୁର ଜନଶୁଣାଣି ସଭାରେ ସଭାପତିତ୍ୱ କରି ପ୍ରକଳ୍ପ ବିଷୟରେ ସୂଚନା ପ୍ରଦାନ କରିଥିଲେ । ସଭାରେ ୧୮୯୪ ମସିହା ଜମି ଅଧିଗ୍ରହଣ ଆଇନ ଓ ନୂତନ ଭାବେ ପ୍ରଚିଳିତ ଭୂମି ଅଧିଗ୍ରହଣ, ଥଇଥାନ ଏବଂ ପୁନଃବସତିରେ କ୍ଷତିପୂରଣ ଏବଂ ସ୍ୱଚ୍ଛତା ପ୍ରତି ଅଧିକାର ଆଇନ-୨୦୧୩ ର ଏକ ତୁଳନାତ୍ମକ ବୈଶିଷ୍ଟ୍ୟ ରୂପରେଖ ବର୍ଣନା କରାଯାଇଥିଲା । ପ୍ରକଳ୍ପ ପ୍ରଭାବିତ ପରିବାର ଗୁଡିକୁ ଜୟପୁର-ନବରଙ୍ଗପୁର ନୂତନ ପ୍ରଶସ୍ତ ରେଳପଥ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ବିଷୟରେ ସଚେତନ କରାଇବା ସହ ପ୍ରଭାବିତ ପରିବାର, ସମାଜ, ଗୋଷ୍ଠୀ ଏବଂ ସାମାଜିକ ସାଂସ୍କୃତିକ ପରିବେଶ ଉପରେ ଉଭୟ ସକାରାତ୍ମକ ଏବଂ ନକରାତ୍ମକ ପ୍ରଭାବ ବିଷୟରେ ସୂଚନା ଦେଇଥିଲେ ।

ଆୟୋଜିତ ଉଭୟ ଜନଶୁଣାଣି ବୈଠକରେ ଜନଶୁଣାଣିର ବିଷଦ ବିବରଣୀ ଚୂଡାନ୍ତ ସର୍ବେକ୍ଷଣ ବିବରଣୀରେ ବର୍ଣନା ହୋଇଅଛି । ଜନଶୁଣାଣି ସମୟରେ କ୍ଷତି ଗ୍ରସ୍ତ ପରିବାର ଏବଂ ଗ୍ରାମବାସୀମାନେ ବହୁ ସଂଖ୍ୟାରେ ଯୋଗଦେଇ ପ୍ରଶ୍ନୋତ୍ତର ମାଧ୍ୟମରେ ନିଜ ନିଜର ସନ୍ଦେହ ମୋଚନ କରିଥିଲେ ଏବଂ ପ୍ରକଳ୍ପ ସପକ୍ଷରେ ବହୁମତ ବ୍ୟକ୍ତ କରିବା ସହ ନିଜର ଜମିକୁ ପ୍ରକଳ୍ପ ନିମନ୍ତେ ଦେବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ ।

## ପ୍ରକାଶନ ଧାରା – ୬

ପ୍ରଭାବିତ ଗ୍ରାମର ଜନଶୁଣାଣୀ ପରେ ପ୍ରାପ୍ତ ହୋଇଥିବା ସମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଏବଂ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ବିବରଣୀକୁ ଆଇନର ଧାରା ୬ ମତେ ବିଧିବଦ୍ଧ ଭାବେ ପ୍ରକାଶନ କରାଯାଇଅଛି ।

## ଜିଲ୍ଲା ସ୍ତରୀୟ ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଦ୍ୱାରା ଚୁଡାନ୍ତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ମୂଲ୍ୟାୟନ ଓ ସୁପାରିଶ

ଭୂମି ଅଧିଗ୍ରହଣ, ଥଇଥାନ ଏବଂ ପୁନଃବସତିରେ କ୍ଷତିପୂରଣ ଏବଂ ସ୍ୱଚ୍ଛତା ପ୍ରତି ଅଧିକାର ଆଇନ-୨୦୧୩ ଧାରା ୭ ଉପଧାରା ୧ ଅନୁସାରେ ଗଠିତ ହୋଇଥିବା ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଦ୍ୱାରା ପୂର୍ବୋକ୍ତ ପ୍ରକାରେ ପ୍ରକାଶନ ହୋଇଥିବା ସାମାଜିକ ପ୍ରଭାବ ନିର୍ଦ୍ଧାରଣ ଚୁଡାନ୍ତ ରିପୋର୍ଟକୁ ଅନୁଧାନ କରିବା ପରେ ଏହାର ମୂଲ୍ୟାୟନ କରାଯାଇ ସରକାରଙ୍କୁ ଜଣାଇବାର ବ୍ୟବସ୍ଥା ରହିଅଛି ।

ନିମ୍ନଲିଖିତ ବ୍ୟକ୍ତି ବିଶେଷମାନଙ୍କୁ ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳର ସଭ୍ୟ / ସଭ୍ୟା ଭାବେ ଜିଲ୍ଲାପାଳ, ନବରଙ୍ଗପୁର ଙ୍କ ଦ୍ୱାରା ମନୋନୀତ କରାଯାଇଛି ।

୧. ଶ୍ରୀ ଶୁଭାଶିଷ ମାନସିଙ୍ଗ,ଓ.ପ୍ର.ସେ.(ବରିଷ୍ଠ), ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ନବରଙ୍ଗପୁର
୨. ଇଂ. ମହମ୍ମଦ ଶକୁର, ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ
୩. ଡାଃ ବିଜୟ କୁମାର ମିଶ୍ର, ଅବସରପ୍ରାପ୍ତ ଆସୋଶିୟେଟ ପ୍ରଫେସର
୪.ଶ୍ରୀ ଶ୍ରୀକାନ୍ତ ମହାନ୍ତି, ନିର୍ଦ୍ଦେଶକ-ତଥା-ସମାଜ ବିଜ୍ଞାନୀ,ସେଣ୍ଟର ଫର ଗୁଡ ଲିଭିଂ, ନବରଙ୍ଗପୁର
୫. ଶ୍ରୀମତୀ ସୁଲେଖା ସୁନା, ସଭାନେତ୍ରୀ-ତଥା-ସମାଜ ବିଜ୍ଞାନୀ, NISTHA, ନବରଙ୍ଗପୁର
୬. ନିର୍ବାହୀ ଯନ୍ତ୍ରୀ, ରାସ୍ତା ଓ ଗୃହ ବିଭାଜନ, ନବରଙ୍ଗପୁର
୭. ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ବିଭାଜନ, ନବରଙ୍ଗପୁର
୮. ଧନ ପୂଜାରୀ, ସରପଞ୍ଚ , ସିନ୍ଧିଗୁଡା ଗ୍ରାମ ପଞ୍ଚାୟତ
୯. କାର୍ଯ୍ୟନିର୍ବାହୀ ଅଧିକାରୀ, ପୌରପାଳିକା, ନବରଙ୍ଗପୁର
୧୦. ଡେପୁଟି ଚିଫ ଇଞ୍ଜିନିୟର , ରେଲୱେ (ନିର୍ମାଣ), ଜଗଦଲପୁର
୧୧.ଭାସ୍କର ରଇତ ,ଓ.ପ୍ର.ସେ.(ବରିଷ୍ଠ), ଉପ ଜିଲ୍ଲାପାଳ, ନବରଙ୍ଗପୁର ତଥା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଜୟପୁର-ନବରଙ୍ଗପୁର ନୂତନ ପ୍ରଶସ୍ତ ରେଳପଥ ସଂଯୋଗୀକରଣ ପ୍ରକଳ୍ପ

## ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ମୂଲ୍ୟାୟନ ନିମନ୍ତେ ସମୀକ୍ଷା ବୈଠକ

ଆଇନର ଧାରା ୭ ଉପଧାରା ୧ ଅନୁସାରେ ପ୍ରକାଶନ ହୋଇଥିବା ନୂତନ ସାମାଜିକ ପ୍ରଭାବ ନିର୍ଦ୍ଧାରଣର ମୂଲ୍ୟାୟନ ତଥା ସୁପାରିଶ ନିମନ୍ତେ ଗଠିତ ହୋଇଥିବା ଜିଲ୍ଲା ସ୍ତରୀୟ ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଏକ ବୈଠକ ଆହ୍ୱାନ କରଯାଇଥିଲା । ଉକ୍ତ ବୈଠକ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମତେ ତା ୨୪.୦୭.୨୦୨୦ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ମିଶନ ଶକ୍ତି ସଭା ଗୃହ, ନବରଙ୍ଗପୁର ଠାରେ ଅନୁଷ୍ଠିତ ହୋଇଥିଲା ।

## ସାମାଜିକ ପ୍ରଭାବ ଆକଳନର ବିସ୍ତୃତ ମୂଲ୍ୟାୟନ

ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ବିବରଣୀକୁ ଅନୁଧ୍ୟାନ କରି ଉପସ୍ଥିତ ବିଶେଷଜ୍ଞ ଦଳ ସନ୍ତୋଷ ପ୍ରକାଶ କରିଥିଲେ । ଜୟପୁର-ନବରଙ୍ଗପୁର ନୂତନ ପ୍ରଶସ୍ଥ ରେଳପଥ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣରେ ପ୍ରତିକୂଳ ପ୍ରଭାବକୁ କମାଇବାକୁ ଯଥେଷ୍ଟ ପ୍ରଚେଷ୍ଟା କରାଯାଇଥିବା ବିଶେଷଜ୍ଞ ଦଳ ହୃଦବୋଧ କରିଥିଲେ । ଏହି ପରିପ୍ରେକ୍ଷୀରେ ଯେପରି କୌଣସି ପରିବାର ବିସ୍ଥାପିତ ହେବେ ନାହିଁ ସେଥିପ୍ରତି ଯଥେଷ୍ଟ ପଦକ୍ଷେପ ନିଆଯାଇଅଛି । ପୁନଶ୍ଚ, ସର୍ବ ନିମ୍ନ ପରିମାଣର ବ୍ୟକ୍ତିଗତ ମାଲିକାନା ଜମିକୁ ଅଧିଗ୍ରହଣ କରି ଜୟପୁର-ନବରଙ୍ଗପୁର ନୂତନ ପ୍ରଶସ୍ଥ ରେଳପଥ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଉପଯୁକ୍ତ ପଦକ୍ଷେପ ନିଆଯାଇଥିବା ବିଶେଷଜ୍ଞ ଦଳ ହୃଦୟଙ୍ଗମ କରିଥିଲେ ।

ପରିଶେଷରେ ବିଶେଷଜ୍ଞ ଦଳ ସାମାଜିକ ଆକଳନ ବିବରଣୀକୁ ପ୍ରାଞ୍ଜଳ ଭାବେ ଅନୁଧ୍ୟାନ କରି ଏହା ଏକ ଉତ୍କୃଷ୍ଟ ଏବଂ ଉପଯୁକ୍ତ ବିବରଣୀ ପ୍ରସ୍ତୁତ ହୋଇଥିବା ହୃଦବୋଧ କରିଥିଲେ ।

ଜୟପୁର-ନବରଙ୍ଗପୁର ନୂତନ ପ୍ରଶସ୍ଥ ରେଳପଥ ସଂଯୋଗୀକରଣ ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ନବରଙ୍ଗପୁର ଜିଲ୍ଲାବାସୀ ଓ ତତସହିତ ସମଗ୍ର ରାଜ୍ୟର ଗମନାଗମନ ଓ ବାଣିଜ୍ୟିକ କାରବାର ନିମନ୍ତେ ବିଶେଷ ଉପକୃତ ହେବ ବୋଲି ମତବ୍ୟକ୍ତ କରିଥିଲେ ।

ନୂତନ ଆଇନ ଅନୁସାରେ ଭୂମି ଅଧିଗ୍ରହଣ, ଥଇଁଥାନ ଏବଂ ପୁନଃବସତିରେ କ୍ଷତିପୂରଣ ଏବଂ ସ୍ୱଚ୍ଛତା ପ୍ରତି ଅଧିକାର ଆଇନ-୨୦୧୩ ବ୍ୟବସ୍ଥାକୁ ବିସ୍ତୃତଭାବେ ପର୍ଯ୍ୟାଲୋଚନା ପରେ ପ୍ରସ୍ତୁତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ରିପୋର୍ଟକୁ ସୁପାରିଶ କରି ସରକାରଙ୍କ ନିକଟକୁ ପ୍ରେରଣ କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତି ନିଆଗଲା । ଜୟପୁର-ନବରଙ୍ଗପୁର ନୂତନ ପ୍ରଶସ୍ଥ ରେଳପଥ ସଂଯୋଗୀକରଣ ପ୍ରକଳ୍ପ ଦ୍ୱାରା ହେଉଥିବା କ୍ଷୟକ୍ଷତି ଅପେକ୍ଷା ସମଗ୍ର ଅଞ୍ଚଳର ଉନ୍ନତିରେ ଅଧିକ ସହାୟକ ହେବ ବୋଲି ବିଶେଷଜ୍ଞ ଦଳ ହୃଦବୋଧ କରିଥିଲେ ।

ଶେଷରେ ସଭାପତି ଏବଂ ସମସ୍ତ ଉପସ୍ଥିତ ସଦସ୍ୟମାନଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରଯାଇଥିଲା ।

(Signature) ୨୪।୭

ଅଧ୍ୟକ୍ଷ

ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ

# ସ୍ୱତନ୍ତ୍ର ବହୁଦର୍ଶୀ ବେଶେଷଜ୍ଞ ଦଳ ଉପସ୍ଥାନ ବିବରଣୀ

| କ୍ର. ନଂ. | ନାମ | ପଦବୀ | ସ୍ୱାକ୍ଷର |
|---|---|---|---|
| ୧ | ଶ୍ରୀ ଶୁବାଶିଷ ମାନସିଙ୍ଗ (ଓ.ପ୍ର.ସେ.) | ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ନବରଙ୍ଗପୁର | [signature] ୨୪/୭/୨୦୨୦ |
| ୨ | ଇଂ. ମହମ୍ମଦ ଶକୁର | ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ | ମହମ୍ମଦ ଶକୁର 24/7/20 |
| ୩ | ଡାଃ ବିଜୟ କୁମାର ମିଶ୍ର | ଅବସରପ୍ରାପ୍ତ ଆସୋଶିୟେଟ ପ୍ରୋଫେସର | [signature] ୨୪.୦୭.୨୦୨୦ |
| ୪ | ଶ୍ରୀ ଶ୍ରୀକାନ୍ତ ମହାନ୍ତି | ନିର୍ଦ୍ଦେଶକ-ତଥା-ସମାଜ ବିଜ୍ଞାନୀ, ସେଣ୍ଟର ଫର ଗୁଡ ଲିଭିଂ, ନବରଙ୍ଗପୁର | [signature] 24.7.20 |
| ୫ | ଶ୍ରୀମତୀ ସୁଲେଖା ସୁନା | ସଭାନେତ୍ରୀ-ତଥା-ସମାଜ ବିଜ୍ଞାନୀ, NISTHA, ନବରଙ୍ଗପୁର | [signature] 24/07/2020 |
| ୬ | ଇଂ. ପ୍ରଫୁଲ୍ଲ କୁମାର ମିଶ୍ର | ନିର୍ବାହୀ ଯନ୍ତ୍ରୀ, ନବରଙ୍ଗପୁର (ରାସ୍ତା ଓ ଗୃହ) ବିଭାଜନ, ନବରଙ୍ଗପୁର | [signature] |
| ୭ | ଇଂ. ସୁଦାମ ଚରଣ ମହାପାତ୍ର | ନିର୍ବାହୀ ଯନ୍ତ୍ରୀ, RWD Division, ନବରଙ୍ଗପୁର | [signature] 24.7.20 |
| ୮ | ଧନର ପୂଜାରୀ | ସରପଞ୍ଚ, ସିନ୍ଧିଗୁଡା | [signature] 24/7/20 |
| ୯ | ବିନୟ ପଟେଲ(ଓ.ରା.ସେ.) | କାର୍ଯ୍ୟନିର୍ବାହୀ ଅଧିକାରୀ, ପୌରପାଳିକା, ନବରଙ୍ଗପୁର | [signature] ୨୪.୭.୨୦ |
| ୧୦ | ଶ୍ରୀ ଭାସ୍କର ରଇତ | ଉପ ଜିଲ୍ଲାପାଳ-ତଥା-ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ଜଯପୁର-ନବରଙ୍ଗପୁର (ରେଳ), ନବରଙ୍ଗପୁର | ଭାସ୍କର ରଇତ ୨୪/୭/୨୦୨୦ |
| 11 | Narasaiah, S | Executive Engineer (Const, JDB) | [signature] XEN/C/JDB |
| 12. | SIDDA GOPALUDU | Sr. Section Engineer (Con) Jagdalpur | [signature] SSE/Con/JDB |
| 13. | KVR Sharma | -do- | [signature] SSE/W/C/ARK |